ପ୍ରେସ୍ ନୋଟ୍

**ଓମିକ୍ରନ୍ ଭାରିଆଣ୍ଟର ସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମାର ଅନୁପାଳନକୁ ନେଇ ଜିଲ୍ଲା ପ୍ରଶାସନର ବିଜ୍ଞପ୍ତି ଜାରି ।**

**ରାତ୍ର ୧୦ ଘଟିକା ପରିବର୍ତ୍ତେ ୯ଘଟିକାରୁ ସକାଳ ୫ଘଟିକା ପର୍ଯ୍ୟନ୍ତ ସହରାଂଚଳରେ ରାତ୍ରିକାଳିନ କର୍ଫ୍ୟୁ ବଳବତ୍ତର ରହିବ ।**

ଅନୁଗୋଳ,ତା.୦୬.୦୧:- ସମ୍ପ୍ରତି ମହାମାରୀ କରୋନା ଭୁତାଣୁ ସଂକ୍ରମଣ ଦିନକୁ ଦିନ ବ୍ୟାପୁଥିବାରୁ ଓ ଓମିକ୍ରନ ଭାରିଆଣ୍ଟ ସ୍ଥିତିକୁ ନିୟନ୍ତ୍ରଣ କରିବା ନିମନ୍ତେ ଓଡିଶା ସରକାରଂକ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ତରଫରୁ ଚଳିତ ମାସ ୫ ତାରିଖରୁ ଜାରି ହୋଇଥିବା ନିର୍ଦ୍ଦେଶାନାମାର ଅନୁପାଳନକୁ ନେଇ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଗତକାଲି ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରିଛନ୍ତି । ପୂର୍ବରୁ ଜାରି ହୋଇଥିବା ରାତ୍ରିକାଳିନ କର୍ଫ୍ୟୁ ରାତ୍ର ୧୦ ଘଟିକା ବଦଳରେ ୯ ଘଟିକାରୁ ସକାଳ ୫ ଘଟିକା ପର୍ଯ୍ୟନ୍ତ ସମସ୍ତ ସହରାଂଚଳରେ ବଳବତ୍ତର ରହିବ । ଏହି ସମୟ୍ ମଧ୍ୟରେ ସମସ୍ତ ଦୋକାନ ବଜାର ଓ କ୍ରିୟାକଳାପ ତା.୭.୧.୨୦୨୨ ରିଖରୁ ୧ ଫେବୃୟାରୀ ୨୦୨୨ ପର୍ଯ୍ୟନ୍ତ ବନ୍ଦ ରହିବ । ଏହି ସମୟ୍ ମଧ୍ୟରେ କେବଳ ଅତ୍ୟାବଶ୍ୟକୀୟ୍ ସେବା ଚାଲୁ ରହବ । ଦୋକାନ ବଜାର ପ୍ରତ୍ୟେକ ଦିନ ସକାଳ ୫ ଘଟିକାରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ଖୋଲାରହିବ । ମଲ୍ ଓ ସପିଂ କମ୍ପ୍ଲେକ୍ସ ଅଳ୍ପ ସଂଖ୍ୟକ ଗ୍ରାହକମାନଂକୁ ନେଇ ଦୋକାନ ପରିଚାଳନା କରିବେ । ଦୋକାନ ମାଲିକ ସମସ୍ତ ପ୍ରକାର କୋଭିଡ ନିୟ୍ମକୁ ପାଳନ କରିବେ । ଏଥିରେ ଅବମାନନା କଲେ ମାଲିକଂକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରାଯିବ । ଫୁଡ୍ କୋଟ ଓ ଫୁଡ୍ ପ୍ଲାଜା କେବଳ ପାର୍ସଲ ନେବା ପାଇଁ ଖୋଲା ରହିବ । କେହି ଜଣେ ପରିସରରେ ଖାଦ୍ୟ ଖାଇପାରିବେ ନାହିଁ । ଦୋକାନ ମାଲିକର ଦାୟିତ୍ୱରେ ଏହି କାର୍ଯ୍ୟ ପରିଚାଳନା ହେବ । ମାର୍କେଟ,ହାଟ,ସିନେମାହଲ,ସ୍ୱିମିଂ ପୁଲ,ଆମୋଦ ପ୍ରମୋଦ ଓ ମନୋରଂଜନ ପରିସର,ଥିଏଟର ଓ ଅଡିଟୋରିଅମରେ ଅଧିକ ଜନ ସମାଗମକୁ ବାରଣ କରାଯାଇଛି । କୋଭିଡ ନିୟ୍ମ ସଠିକ୍ ଭାବେ କିପରି ପାଳନ କରାଯିବ ଏହା ସମ୍ପୃକ୍ତ

ମାଲିକର ଦାୟିତ୍ୱ ଅଟେ । ଏଥିରେ ଅବମାନନା କଲେ ସାତ ଦିନ ପାଇଁ ସମ୍ପୂର୍ଣ୍ଣ ଦୋକାନ ସିଲ୍ କରାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ସମସ୍ତ ସାମାଜିକ,ଧାର୍ମିକ ଜନସମାଗମକୁ ବାରଣ କରାଯାଇଛି । ବିବାହ,ମୁଦି ପିନ୍ଧା,ବ୍ରତପଯ୍ୱୋନ ଏବଂ ଏଥିରେ ଏକାଠି ହେଉଥିବା ଅତିଥି ,ଆୟୋଜକ ଓ ପୁଜକଂକୁ ମିଶି ସମସ୍ତ କାର୍ଯ୍ୟକ୍ରମରେ ୧୦୦ ଜଣ (Celling) ସିମିତ ରହିବେ । ଏଥିପାଇଁ ଆବଶ୍ୟକ ଅନୁମତି ସ୍ଥାନୀୟ ଅଧିକାରୀଂକ ଠାରୁ ଆଣିବାକୁ ପଡିବ । କୌଣସି ପରିସ୍ଥିତିରେ ଏ ସଂଖ୍ୟା ବଢିବ ନାହିଁ । ବିବାହର ସମସ୍ତ କାର୍ଯ୍ୟ ଓ ରିତିନିତୀରେ ୧୦୦ ଜଣ ଅଂଶଗ୍ରହଣ କରିବାରେ ସିମୀତ (Celling) ରହିବ ଏବଂ ଏଥିପାଇଁ ଆଗୁଆ ଅନୁମତି ଆଣିବାକୁ ପଡିବ । ବିବାହ ଶୋଭାଯାତ୍ରାରେ ସମୁଦାୟ ୩୦ ଜଣ ଯାଇପାରିବେ । ସେହିପରି ଅନ୍ତ୍ୟେଷ୍ଟିକ୍ରିୟାରେ ୫୦ ଜଣ ଅଂଶଗ୍ରହଣ କରିପାରିବେ । ସମସ୍ତ ହୋଟେଲ, ରେଷ୍ଟୁରାଣ୍ଟ, ଢାବା, ବାର,ପବସ୍ ତାଂକର ବସିବା କ୍ଷମତାର ୫୦ ପ୍ରତିଶତରେ କୋଭିଡ ନିୟମାବଳୀ ଆଧାରରେ ଖାଦ୍ୟ ଦେଇପାରିବେ । ରାସ୍ତା ପାର୍ଶ୍ୱରେ ଖାଦ୍ୟ ବିକ୍ରି କରୁଥିବା ଭେଣ୍ଡରମାନେ କୋଭିଡ ନିୟମାବଳୀ ମାନି ଚଳିବେ । ନଚେତ ସେମାନଂକ ବିରୁଦ୍ଧରେ ଦୃଢ଼ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଇ ୭ ଦିନ ପର୍ଯ୍ୟନ୍ତ ଭେଣ୍ଡିଂ ଜୋନ୍ ବନ୍ଦ କରାଯିବ । ଏହା ସହିତ ତାଂକର ଟ୍ରେଡ୍ ଲାଇସନ୍ସ ନାକଚ କରି ଦିଆଯିବ । କୌଣସି ଭେଣ୍ଡିଂ ଜୋନରେ ୫ ଜଣରୁ ଅଧିକ ଗ୍ରାହକ ଏକତ୍ରିତ ହେଲେ ସେମାନେ କୋଭିଡ ନିୟମମାବଳୀ ଅନୁଯାୟୀ ସାମାଜିକ ଦୂରତା ଅବଲମ୍ବନ କରିବାକୁ ପଡିବ । ସମସ୍ତ ସରକାରୀ କାର୍ଯ୍ୟାଳୟରେ ୫୦ ପ୍ରତିଶତ କର୍ମଚାରୀଂକୁ ନେଇ ସରକାରୀ କାର୍ଯ୍ୟ ଚାଲିବ । କୋଭିଡ ଭାରିଆଣ୍ଟ ଓ ଓମିକ୍ରନକୁ ଦୃଷ୍ଟିରେ ରଖି ଜିଲ୍ଲାରେ ମକରମେଳା/ମକର ସଂକ୍ରାନ୍ତି ଚଳିତ ମାସ ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ବନ୍ଦ କରାଯିବା ନିମନ୍ତେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାର ମନ୍ଦିରଗୁଡିକରେ ଶ୍ରଦ୍ଧାଳୁ ଭକ୍ତମାନଂକୁ ବ୍ୟାଚ୍ ଅନୁଯାୟୀ ମନ୍ଦିର ଭିତରକୁ ପ୍ରବେଶ ନିମନ୍ତେ ବ୍ୟବସ୍ଥା କରିବାକୁ ମନ୍ଦିର ପ୍ରଶାସନକୁ ଅନୁରୋଧ

କରାଯାଇଛି । ଯଦି କୌଣସି ବ୍ୟକ୍ତି ଏହି ଆଇନ୍ ଉଲ୍ଲଂଘନ କରେ ତାଂକୁ ବିପର୍ଯ୍ୟୟ ପରିଚାଳନା ଆଇନ୍-୨୦୦୫ ଅନୁଯାୟୀ ଦଣ୍ଡିତ କରାଯିବ । ଆସନ୍ତା କାଲିଠାରୁ ସମସ୍ତ ସ୍କୁଲ କଲେଜ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ (10+2) ବନ୍ଦ ରହିବ । ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ର ଛାତ୍ରୀମାନଂକର ଅନ୍‌ଲାଇନ୍ ଭିଡିଓ ପ୍ରଣାଳୀ ପାଠପଢା ନିମନ୍ତେ ସମ୍ପୃକ୍ତ ଅନୁଷ୍ଠାନ ଯତ୍ନବାନ ହେବେ । ଶିକ୍ଷାନୁଷ୍ଠାନଗୁଡିକ ସନ୍ଦେହ ଦୁରକରିବା (Doubt Clearing) କ୍ଲାସ ଗୁଡିକୁ ଛୋଟ ଛୋଟ ବ୍ୟାଚ ଅଧାରରେ ଅଭିଭାବକମାନଂକର ସମ୍ମତି ନେଇ କୋଭିଡ ନିୟମାନୁଯାୟୀ ଆୟୋଜନ କରିବେ । ସମାଟିଭର ସମସ୍ତ ପରିକ୍ଷା ଚାଲୁ ରହିବ । ସମସ୍ତ ଅଂଗନୱାଡି କେନ୍ଦ୍ର ମଧ୍ୟ ବନ୍ଦ ରହିବ ।